# Akashvani, Sambalpur

## SAMBALPURI NEWS EVENING BULLETIN

**8 June 2024- 7.02 pm- 7.12 pm.**

*********************************************

୧- ଏନ୍‌ଡିଏ ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ଆଏବାକାଏଲ୍ ୩ ନମ୍ବର୍ ଥର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଭାବେ ନେବେ ଶପଥ୍ ।

- ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ହେବା ଶପଥ୍ ସମାରୋହ ।

୨- ରାଜ୍ୟର୍ ନୂଆଁ ମୁଖ୍ୟମନ୍ତ୍ରୀ ଆଏବା ରଏବାର୍ ଦିନ ନେବେ ଶପଥ୍ ।

- ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ହେଉଛେ ପ୍ରସ୍ତୁତି ।

୩- ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ରାତି ହେବା ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା ଆର୍ ଜାଗେଶ୍ୱର୍ ବାବାଙ୍କର୍ ପତର୍‌ପେଁଡ଼ି ।

ଆଉର୍

୪- ଓଡ଼ିଶା ଛୁଇଁଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ।

କେନ୍ଦ୍ର ମନ୍ତ୍ରିମଣ୍ଡଲ୍- ଶପଥ୍ ସମାରୋହ    ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଗଣତାନ୍ତ୍ରିକ ମୋର୍ଚ୍ଚା- ଏନ୍‌ଡିଏର ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଞ୍ଜ୍‌ବେଲା ୭ ବାଜିକରି ୧୫ ମିନିଟ୍‌ଥି ଲଗାତାର୍ ୩ ନମ୍ବର୍ ଥର୍ ଲାଗି ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ନେବେ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ଶ୍ରୀ ମୋଦୀ ଆର୍ ତାଙ୍କର୍ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କୁ ଶପଥ୍ ପାଠ୍ କରାବେ । ଶପଥ୍ ଗ୍ରହଣ୍ ସମାରୋହଥି ଯୋଗ୍ ଦେବାର୍‌କେ ପଡ଼ୋଶୀ ଦେଶ୍‌ମାନ୍‌କର୍ ମୁଖିଆମାନ୍‌କୁ ନିଉତା ଦିଆଯାଇଥିବାର୍ ବେଲେ ସେମାନେ ଆସିକରି ନୂଆଦିଲ୍ଲୀ ନ ପୁହୁଁଚୁଛନ୍ ।

ଗଲାକାଏଲ୍ ପୁର୍‌ନା ସଂସଦ୍ ଭବନ୍‌ର କେନ୍ଦ୍ରୀୟ ହଲ୍ ନ ହେଇଥିବା ଏନ୍‌ଡିଏର ବୈଠକ୍‌ଥି ସର୍ବସମ୍ମତିଥି ଏନ୍‌ଡିଏ ସଂସଦୀୟ ଦଲର୍ ନେତା ନିର୍ବାଚିତ ହେଲା ଉତ୍‌ରୁ ଶ୍ରୀ ମୋଦୀ -ରାଷ୍ଟ୍ରପତିଙ୍କୁ ଭେଟିକରି ସର୍‌କାର୍ ଗଢ଼୍‌ବାର୍ ଦାବି ରଖିଥିଲେ । ହେତାର୍ ଆଘୋନୁ ବିଜେପିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡାଙ୍କର୍ ନେତୃତ୍ୱଥି ଏନ୍‌ଡିଏର ଗୁଟେ ପ୍ରତିନିଧି ଦଲ୍ ରାଷ୍ଟ୍ରପତି ଭବନ୍ ଯାଇକରି ରାଷ୍ଟ୍ରପତିଙ୍କୁ ଭେଟିକରି ଏନ୍‌ଡିଏର ସହଯୋଗୀ ଦଲ୍ ମାନ୍‌କର୍ ସମର୍ଥନ୍ ପତ୍ର ଦେଇଥିଲେ । ରାଷ୍ଟ୍ରପତିଙ୍କୁ ଭେଟ୍‌ଲା

ଉତ୍‌ରୁ ଶ୍ରୀ ମୋଦୀ ଗଣମାଧ୍ୟମ୍‌କେ କହିଛନ୍ ଯେ, ଏନ୍‌ଡିଏ ଗୁଟେ ଶକ୍ତିଶାଳୀ, ସ୍ଥିର ଆର୍ ଅଭିବୃଦ୍ଧିମୁଖୀ ସର୍‌କାର୍ ଗଢ଼୍‌ବା ।

ଆଏବା କାଏଲ୍ ଶପଥ୍ ଗ୍ରହଣ୍ ସମାରୋହ ଆଘୋନୁ ମନ୍ତ୍ରିମଣ୍ଡଲ୍‌ର ସଦସ୍ୟମାନ୍‌କର୍ ତାଲିକା ରାଷ୍ଟ୍ରପତିଙ୍କୁ ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ଅଷ୍ଟାଦଶ ଲୋକ୍‌ସଭାଥି ବିଜେପି ନେତୃତ୍ୱଥି ଏନ୍‌ଡିଏ ୨ ଶହ ୯୩ ଟା ଆସନ୍‌ନୁ ଜିତିକରି ସଂଖ୍ୟା ଗରିଷ୍ଠତା ହାସଲ୍ କରିଛେ ।

ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ-ଶପଥ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ନୂଆଁ ମୁଖ୍ୟମନ୍ତ୍ରୀ ଆଏବା ୧୦ ତାରିଖ୍ ଦିନ ଭୁବ୍‌ନେଶ୍ୱର୍‌ର ଜନ୍‌ତା ମଇଦାନ୍ ନ ଶପଥ୍ ନେବେ । ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀ ଆର୍ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଖୋବ୍ ସଂଖ୍ୟା ନ ଲୋକ୍ ଯୋଗ୍ ଦେବେ । ହେଥିର୍‌ଲାଗି ଜନତା ମଇଦାନ୍ ନ ଜୋର୍‌ଦାର୍ ପ୍ରସ୍ତୁତି କରାଯାଉଛେ । ରାଏଜେ ନୂଆଁ ସର୍‌କାର୍‌ଙ୍କର୍ ଶପଥ୍ ଗ୍ରହଣ୍ କାର୍ଯ୍ୟକ୍ରମ୍‌ର ଦେଖ୍‌ରେଖ୍ ଲାଗି ମଧ୍ୟପ୍ରଦେଶ୍‌ର ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ବିଶ୍ୱାସ କୈଲାସ୍ ସାରଙ୍ଗ ଆର୍ ମଧ୍ୟପ୍ରଦେଶ୍ ବିଜେପିର୍ ଆଘର୍ ସଂଗଠନ୍ ସମ୍ପାଦକ ଆଶୁତୋଷ ତିଓ୍ୱାରୀ ଭୁବ୍‌ନେଶ୍ୱର୍ ନ ପୁହୁଁଚିଥିବାର୍ ଦଲୀୟ ସୂତ୍ରନୁ ଜନାପଡ଼ିଛେ । ସେଆଡ଼େ

ଶପଥ୍ ଗ୍ରହଣ୍ ସମାରୋହ ଲାଗି ସ୍ପେଶାଲ୍ ପ୍ରୋଟେକ୍ସନ୍ ଗ୍ରୁପ- ଏସ୍‌ପିଜିର ବରିଷ୍ଠ ଅଧିକାରୀମାନେ ଭୁବ୍‌ନେଶ୍ୱର୍ ପୁହୁଁଚିଥିବାର୍ ବେଲେ ସୁରକ୍ଷା ବନ୍ଦୋବସ୍ତଥି ୪୦ ପ୍ଲାଟୁନ୍ ଫୋର୍ସ ମୁତୟନ୍ ରହେବେ ବଲି କମିଶନରେଟ୍ ପୁଲିସ୍ ତର୍‌ଫୁ କୁହାଯାଇଛେ ।

ପୁରୀ ଶ୍ରୀମନ୍ଦିର୍ ଆଲୋକୀକରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଯେନ୍ତା ଥାୟୀ ଭାବେ ଆଲୋକୀକରଣ୍ କରାଯାଇପାର୍‌ବା ସେ ଦିଗେ ପଦକ୍ଷେପ୍ ନିଆଯିବା ବଲି ପୁରୀ ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ କହିଛନ୍ । ଶ୍ରୀମନ୍ଦିର୍‌କେ ଉଜଲ୍ କରୁଥିବା ଫୋକସ୍ ଲାଇଟ୍‌କେ ହଟେଇ ନିଆଯିବାର୍ ଘଟ୍‌ନା ଉତ୍‌ରୁ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ଇ ବାବ୍‌ଦେ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀମନ୍ଦିର୍‌ର ଆଲୋକିକରଣ୍ କରୁଥିବା ଗୁଟେ ଇଭେଂଟ୍ କମ୍ପାନୀ ୨ ଦିନ୍ ତଲେ ଲାଇଟ୍ ମାନେ ଖୁଲି ନେଇଥିବାର୍ ବେଲେ କମ୍ପାନୀର୍ ୪ ଝନ୍‌କୁ ଅଟକ୍ ରଖାଯାଇଛେ । ଜିଲ୍ଲାପାଲ୍ ଇ ଘଟ୍‌ନାର୍ ତଦନ୍ତ୍ କରୁଛନ୍ ।

କମୁଛି ବିଚାରାଧୀନ୍ ମାମ୍‌ଲା- କୋର୍ଟ ଆର୍‌ଏନ୍‌ୟୁ/ କଟକ୍

ବୈଷୟିକ ଜ୍ଞାନ୍ କୌଶଲ୍‌ର ବେଭାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ କୋର୍ଟ ମାନ୍‌କୁ ବିଚାରାଧୀନ ଥିବା ପୁର୍‌ନା ମକଦ୍ଦମା ମାନ୍‌କର୍ ସଂଖ୍ୟା କମିଛେ । ଅଦାଲତ୍‌ମାନ୍‌କୁ ବିଚାରାଧୀନ୍ ଥିବା ୩୦ ବଛର୍‌ନୁ ଅଏତ୍‌କା ପୁର୍‌ନା ମକଦ୍ଦମା ମାନ୍‌କୁ ଅଗ୍ରାଧିକାର୍‌ଥି ବିଚାର୍ କରାଯାଉଛେ । ହେଥିର୍‌ଲାଗି ପୁର୍‌ନା ମାମ୍‌ଲା ସଂଖ୍ୟା ୩ ହଜାର୍ ଶହେ ୧୨କେ କମିଛେ ବଲି ନେସ୍‌ନାଲ୍ ଜୁଡ଼ିସିଆଲ୍ ଡାଟା ଗ୍ରୀଡ୍ ନୁ ଜନାପଡ଼ିଛେ । ଇହାଛିନ୍ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍‌ଥି ମୋଟ୍ ୧୬ ଲାଖ୍ ୨୨ ହଜାର୍ ୫ ଶହ ୭୧ ଟା ମାମ୍‌ଲା ବିଚାରାଧୀନ୍ ଅଛେ । ସେଥୁ ୧୩ ଲାଖ୍‌ନୁ ଅଏତ୍‌କା ମାମ୍‌ଲା ଫୌଜଦାରୀ ଆର୍ ୨ ଲାଖ୍‌ନୁ ଅଏତ୍‌କା ମାମ୍‌ଲାର୍ ଦେଓ୍ୱାନୀ ଆଏ ବଲି ଜନାପଡ଼ିଛେ ।

ରାମୋଜୀ ରାଓ ପରଲୋକ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାମୋଜୀ ଫିଲ୍ମ ସିଟି ଆଉ ଇନାଡୁ ଗ୍ରୁପ୍‌ର ପ୍ରତିଷ୍ଠାତା ରାମଜୀ ରାଓଙ୍କର୍ ପରଲୋକ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକପ୍ରକାଶ୍ କରିଛନ୍ । ସ୍ୱର୍ଗତ ରାଓଙ୍କର୍ ପରଲୋକ୍‌ଥି ଭାରତ୍‌ର ଗଣମାଧ୍ୟମ୍ ଆର୍ ମନୋରଞ୍ଜନ୍ କ୍ଷେତ୍ର ଗୁଟେ ବହୁତ୍ ବଡ଼ ବ୍ୟକ୍ତିତ୍ୱଙ୍କୁ ହରାଲା ବଲି ରାଷ୍ଟ୍ରପତି ତାଙ୍କର୍ ଶୋକବାର୍ତାଥି କହିଛନ୍ । ସେନ୍ତା

ସ୍ୱର୍ଗତ ରାଓ ଦେଶର୍ ସାମ୍ବାଦିକତା ଆର୍ ଚଳଚ୍ଚିତ୍ର ଜଗତ୍‌ଥି କେଭେ ଭୁଲି ନାଇଁ ହେବାର୍ ବାଗିର୍ ଚିହ୍ନା ଛାଡ଼ିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ଶୋକବାର୍ତାଥି କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ସଖାଲେ ହାଇଦ୍ରାବାଦ୍‌ର ଗୁଟେ ଘରୋଇ ହାସ୍‌ପାତାଲ୍‌ଥି ରାମଜୀ ରାଓଙ୍କର୍ ପରଲୋକ ହେଇଥିଲା । ମୃତ୍ୟୁ ବେଲ୍‌କେ ତାହାକୁ ୮୭ ବଛର୍ ବୟେସ୍ ହେଇଥିଲା ।

ବିଶ୍ୱ ମହାସାଗର୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମହାସାଗର୍ ଦିବସ । ପୁନରୁଦ୍ଧାର୍ ଆର୍ ମହାସାଗର୍ ଲାଗି ସାମୂହିକ କାର୍ଯ୍ୟାନୁଷ୍ଠାନ୍ ଇ ବଛର୍ ବିଶ୍ୱ ମହାସାଗର୍ ଦିବସ୍ ବିଷେ ରହିଛେ । ପୁର୍‌ଥିର୍ ୭୦ ପ୍ରତିଶତ୍‌ନୁ ଅଏତ୍‌କା ଇଲାକାଥି ମହାସାଗର୍ ଅଛେ । ମହାସାଗର୍ ଆମର୍ ଗ୍ରହଣ୍ ଲାଗି ୫୦ ପ୍ରତିଶତ୍ ଅମ୍ଳଜାନ୍ ତିଆର୍ କର୍‌ସି ଆର୍ ମହାସାଗର୍ ଜୈବ ବିବିଧତାର ଭିଲ୍ ଚାବିସ୍ଥଲୀ ଆଏ । ପୁର୍‌ଥିର୍ ଶହେ କୋଟିନୁ ଅଏତ୍‌କା ଲୋକ୍ ପ୍ରୋଟିନ୍ ଲାଗି ମହାସାଗର୍ ଉପ୍‌ରେ ନିର୍ଭର୍ କର୍‌ସନ୍ । ମହାସାଗର୍ ହେଉଛେ ଆମର୍ ଅର୍ଥନୀତିର୍ କୁଞ୍ଜିକାଠି । ହେଲେ ଭିନ୍ ଭିନ୍ କାରଣ୍‌ନୁ ମହାସାଗର୍ ମାନ୍‌କର୍ ନୁକ୍‌ସାନ୍ ହେଉଛେ । ସେଥିର୍‌ଲାଗି ମହାସାଗର୍‌ମାନ୍‌କର୍ ସାଙ୍ଗେ ମୁନୁଷ୍ ମାନ୍‌କର୍ ସନ୍ତୁଲନ୍

ବନାବାର୍‌କେ ବିଶ୍ୱ ମହାସାଗର୍ ଦିବସ୍ ପାଳନ୍ କରାଯାଉଛେ ।

ନୃସିଂହ ନିଉତା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରଥି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ଜଗତ୍‌ଜନନ ମା’ ପାର୍ବତୀଙ୍କର୍ ବିହା ଲାଗି ଆଏଜ୍ ରାତି ପତର୍‌ପେଁଡ଼ି ବିଧି ହେବା ।

ଗଲାକାଏଲ୍ ନନ୍ଦପଡ଼ାର ବମ୍‌ବରାଢ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହା ଲାଗି ନୃସିଂହ ମହାପୁରୁ ସହରର୍ ଦେ’ଦେବ୍‌ତାଙ୍କୁ ଗୁଆଗୁଁଡ଼ା ନିଉତା ଦେଇଛନ୍ । ଗଲାରାତି ନୃସିଂହ ମହାପୁରୁ ବଜାଗଜା ସହେତେ ଗୁଟେ ଶୋଭାଯାତ୍ରାଥି ଭିନ୍ ଭିନ୍ ମନ୍ଦିର୍‌କେ ଯାଇକରି ବାଲୁଙ୍କେଶ୍ୱର୍ ବାବାଙ୍କର୍ ବର୍‌ଯାତ୍ରୀ, ବିହା ଆର୍ ନଗର୍ ପରିକ୍ରମା ଯାତ୍ରାଥି ସାମିଲ୍ ହେବାର୍‌କେ ଦେ’ଦେବ୍‌ତାଙ୍କୁ ଗୁଆ, ହଲ୍‌ଦି, ମିଠେଇ ସଙ୍ଗେ ନିଉତା ଦେଇଥିଲେ ।

ସେନ୍ତା ଆଏବାକାଏଲ୍ ରାତି ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା, ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ନିଉତା ଯାତ୍ରା ହେବା । ଆଏବା ୧୦ ତାରିଖ୍ ରାତି ସବୁ

ଶିବ ମନ୍ଦିର୍‌ର ଦେବଦେବ ମହାଦେବ ବରାତି ବାହାରିବେ । ୧୧ ତାରିଖ୍ ବ୍ରାହ୍ମମୁହୁର୍ତ ନ ଇ ବଛର୍‌ର୍ କନ୍ୟାମାତାପିତାଙ୍କର୍ ଜାଗାଥି ଦେବଦେବ ମହାଦେବ ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ଲୌକିକ ବିହାଘର୍ ହେବା । ସେଦିନ ଅଧରାତିନୁ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ବାହାରିକରି ୧୨ ତାରିଖ୍ ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ବୌଦ୍ଧ- ଶୀତଲଷଷ୍ଠୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍‌ର ବିରାମଚନ୍ଦ୍ରପୁର୍ ନ ଥିବା ସୁବର୍ଣ୍ଣେଶ୍ୱର୍ ମନ୍ଦିର୍ ସହେତେ ବୌଦ୍ଧ ସହରର୍ ମାତଙ୍ଗେଶ୍ୱର୍ ମନ୍ଦିର୍‌ଥି ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ । ଇତାର୍‌ସଙ୍ଗେ ଜିଲ୍ଲାର୍ ଆଉ କେତେଟା ଶିବ ମନ୍ଦିର୍ ନ ଭିଲ୍ ଦେବ ବିବାହ ଲାଗି ପ୍ରସ୍ତୁତି କରାଯାଉଛେ ।

ବ୍ରାହ୍ମଣୀ ନଦୀ ବୁଡ଼ି -୨ ଛାତ୍ର ମୃତ୍ୟୁ ହିନ୍ଦୁସ୍ଥାନ୍ ସମାଚାର୍

ରାଉର୍‌କେଲାର୍ ବେଦବ୍ୟାସ୍ ମନ୍ଦିର୍ ପାଖେ ଆଏଜ୍ ଉପର୍‌ବେଲା ବ୍ରାହ୍ମଣୀ ନଦୀଥି ଗାଧୁଥିବାର୍ ବେଲେ

ଦୁଇଝନ୍ ଛାତ୍ରଙ୍କର୍ ଜୀବନ୍ ଯାଇଛେ । ସମ୍ବଲ୍ପୁର୍ ଇଲାକାର୍ ଦୁହି ଛାତ୍ର ରାଉର୍କେଲାର୍ ନେସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି - ଏନ୍ଆଇଟିକେ ଇଂଟନ୍ସିପ୍ ଲାଗି ଆସିଥିଲେ ବଲି ଜନାପଡ଼ିଛେ ।

## ଆନ୍ତର୍ଜାତିକ ଲେଭେଲ୍ କ୍ରସିଂ ସଚେତନତା ଦିବସ

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ରେଲ୍ ଡିଭିଜନ୍ ନ ଆନ୍ତର୍ଜାତିକ ଲେଭେଲ୍ କ୍ରସିଂ ସଚେତନତା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଗଲା ୧ ତାରିଖ୍ନୁ ମାନବ ଚାଲିତ ଲେଭେଲ୍କ୍ରସିଂ, ପେଟ୍ରୋଲ୍ ପମ୍ପ୍, ସାପ୍ତାହିକ ହାଟ ଆର୍ ଆଖର୍ ପାଖର୍ ଗାଁ ଇଲାକା ନ ଲେଭେଲ୍କ୍ରସିଂ ପାର୍ ହେଲା ବେଲ୍କେ ସତର୍କତା ବାବ୍ଦେ ଲୁକ୍କୁ ସଚେତନ୍ କରାଯାଉଛେ ।

## ନୂଆପଡ଼ା ଦୁକାନେ ଜୁଏ

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ସିନାପାଲି ବସ୍ଷ୍ଟାଣ୍ଡ୍ ନ ଥିବାର୍ ଗୁଟେ ଦୁକାନେ ଆଏଜ୍ ଜୁଏ ଲାଗିକରି ଲକ୍ଷାଧିକ୍ ଟଙ୍କାର୍ ସାମାନ୍ ନୁକ୍ସାନ୍ ହେଇଛେ । ଖବର୍ ପାଇକରି ଅଗ୍ନିଶମ କର୍ମଚାରୀମାନେ ପୁହୁଁଚିକରି ଜୁଏକେ ଆଏତ୍ କରିଥିଲେ ।

କେନ୍ ଥିତି ନ ଜୁଏ ଲାଗ୍ଲା ହେ ବାବ୍ଦେ ସିନାପାଲି ଥାନା ପୁଲିସ୍ ତଦନ୍ତ୍ କରୁଛେ ।

ଜାତୀୟ ରାଜପଥ-ଟୋଲ୍ ଆର୍ଏନ୍ୟୁ/ କଟକ୍

ଦେଶେ ଜାତୀୟ ରାଜପଥ୍ଥି ଗାଡ଼ିମଟର୍ ମାନ୍କୁ ଉପଗ୍ରହଭିତିକ ଟୋଲ୍ ଆଦାୟ କରାଯିବା । ସୂଚ୍ନା ଅନ୍ସାରେ ପହେଲା ଖେପେ ବାଣିଜ୍ୟିକ ଗାଡ଼ିମାନ୍କର୍ କ୍ଷେତ୍ର ନ ଇ ବ୍ୟବସ୍ଥା ଲାଗୁ ହେବା । ପଛେ ଘରୋଇ ଗାଡ଼ିମଟର୍ କ୍ଷେତ୍ର ନ ହେ ବ୍ୟବସ୍ଥା ଲାଗୁ କରାଯିବା । ଆଏବା ୨ ବରସ୍ ଭିତ୍ରେ ସାରା ଦେଶେ ଟୋଲ୍ ଆଦାୟର୍ ଲାଗି ଗ୍ଲୋବାଲ୍ ନେଭିଗେସନ୍ ସେଟ୍ଲାଇଟ୍ ସିଷ୍ଟମ୍ ଜି.ଏନ୍.ଏସ୍.ଏସ୍. ବ୍ୟବସ୍ଥା ଲାଗୁ ହେବା । ଇ ବ୍ୟବସ୍ଥାଥି ଗାଡ଼ି ଯେତ୍କି ବାଟ୍ ଯାଇଥିବା ସେଥିର୍ଲାଗି ଟୋଲ୍ ଦେବାର୍କେ ପଡ଼୍ବା ଆର୍ ଗାଡ଼ିମାନ୍କୁ ରାସ୍ତା ନ ଅଟ୍କିବାର୍କେ ନାଇଁ ପଡ଼େ ।

ପ୍ରାକୃତିକ ଚିକିତ୍ସା ପରାମର୍ଶ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର୍ ନ ତପସ୍ୱିନୀ ପରିବାର୍ ତର୍ଫୁ ପ୍ରାକୃତିକ ଚିକିତ୍ସା ପରାମର୍ଶ ଶିବିର ହେଇଯାଇଛେ । ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି

ବଲିଆର୍ ସିଂ ଶିବରଥ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ସମାରୋହକେ ଆକାଶ୍‌ବାଣୀ କଟକ୍ କେନ୍ଦ୍ର ତର୍‌ଫୁ ସଞ୍ଜ୍‌ବେଲର୍ ୬ ବାଜିକରି ୪୫ ମିନିଟ୍‌ନୁ ଓଡ଼ିଆ ଭାଷାଥି ସିଧାପ୍ରସାରଣ କରାଯିବା । ହେଥିର୍‌ଲାଗି ଆଏବାକାଏଲ୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ ରାତି ୭ ବାଜିକରି ୨ ମିନିଟ୍ ବଦ୍‌ଲା ସଞ୍ଜ୍‌ବେଲର୍ ୬ ବାଜିକରି ୧୫ ମିନିଟ୍‌ଥି ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ସ୍ୱାଭାବିକ୍ ସମିଆ ନ ୪ ଦିନ୍ ଆଘୋନୁ ମୌସୁମୀ ଓଡ଼ିଶାକେ ଢୁକିଛେ । ହେତାର୍ ପ୍ରଭାବ୍‌ଥି ମାଲ୍‌କାନ୍‌ଗିରି ଜିଲ୍ଲାର୍ ଖୋବ୍ ଇଲାକା ନ ବର୍ଷା ହେଉଛେ । ମୌସୁମୀ ଓଡ଼ିଶା ସହେତେ ଛତିଶ୍‌ଗଡ୍, ତେଲେଙ୍ଗାନା ଆର୍ ମହାରାଷ୍ଟ୍ରକେ ପୁହୁଁଚିଛେ ।

ସେଆଡ଼େ ଆଏବାକାଏଲ୍ ସଖାଲ୍ତକ୍ ପଶ୍ଚିମ ଓଡ଼ିଶାର୍ ବର୍ଗଡ୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍ ସହେତେ ରାଜ୍ୟର୍ କେତେ ଜାଗା ନ ଧୁକାଗର୍ଡ୍ଡି ଆର୍ ଚଡ଼କ୍ ମାରିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ଆଏଜ୍ ରାଏଜେ ଦିନର୍ ସବୁନୁ ଜହ ତାତି ସମ୍ବଲ୍ପୁର୍ ଆର୍ ବୌଦ୍ଧ ନ ୪୦ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ । ସେନ୍ତା ଝାର୍ସୁଗୁଡ଼ା ଆର୍ ନୂଆପଡ଼ା ନ ଦିନର୍ ତାତି ୪୦ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରହିଥିଲା ।

ସ୍କୁଲ୍ ଖୁଲ୍ବା ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଆଏବା ୧୭ ତାରିଖ୍ନୁ ସ୍କୁଲ୍ ଖୁଲ୍ବାର୍କେ ଯାଉଛେ । ହେତାର୍ ହପ୍ତେ ଆଘୋନୁ ଶ୍ରେଣୀଗୃହ ନୁ ନେଇକରି ଶୌଚାଳୟ ତକ୍ ସବୁ ସାଫ୍ସୁତ୍ରା କର୍ବାର୍କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ସବୁ ଜିଲ୍ଲା ଶିକ୍ଷାଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍ନା ଅନ୍ସାରେ ସ୍କୁଲ୍ ଖୁଲ୍ବାର୍ ଗୁଟେ ଦିନ୍ ଆଘୋନୁ ପାଚିକା ଆର୍ ସହାୟିକା ମାନେ ସ୍କୁଲ୍ ଆସିକରି ସେମାନ୍କର୍ ଜିନିଷ୍ ପାତି ଯାଂଚ୍ କର୍ବାର୍କେ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇଥର ଗ୍ରୀଷ୍ମପ୍ରବାହର୍ ଲାଗି

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତରଫ୍ରୁ ଆଗୁଆ ସ୍କୁଲ୍‌ମାନ୍‌କୁ ଛୁଟି ଘୋଷ୍‌ନା କରାଯାଇଥିଲା ।